Barbati Fort

ପ୍ରଥମ କର୍ପୋରେଟ୍ ସଂସ୍ଥା ଭାବେ ଭାରତ ସରକାରଙ୍କ ସହ ଏମ୍ଓୟୁ ସ୍ୱାକ୍ଷର

ଭୁବନେଶ୍ୱର,୨୫।୪ (ନି:ପ୍ର) ଡାଲମିଆ ଭାରତ ଲିମିଟେଡ୍ ପକ୍ଷରୁ ଦିଲ୍ଲୀର ଲାଲ୍ କିଲ୍ଲା କିର୍ତୀରାଜିକୁ ପୋଷ୍ୟ ଐତିହ୍ୟ ପ୍ରକଳ୍ପ ଅଧୀନରେ ଗ୍ରହଣ କରିବା ପାଇଁ ପର୍ଯ୍ୟଟନ ମନ୍ତ୍ରଣାଳୟ ସହିତ ଏକ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରାଯାଇଛି। ଆସନ୍ତା ପାଂଚ ବର୍ଷ ପର୍ଯ୍ୟନ୍ତ ଐତିହ୍ୟ ସ୍ଥଳର ରକ୍ଷଣାବେକ୍ଷଣ ଓ ମରାମତିର ଦେଖାଶୁଣା କରିବା ପାଇଁ ଆଗ୍ରହ ଦେଖାଦେଇଥିବା ଅନ୍ୟ ଘରୋଇ କ୍ଷେତ୍ରର କଂପାନିମାନଙ୍କ ସହିତ ଡାଲମିଆ ଭାରତ ଲିମିଟେଡ୍ ସାମିଲ ହୋଇଛି। ବର୍ଷକୁ ଆନୁମାନିକ ୫ କୋଟି ଟଙ୍କା ଖର୍ଚ୍ଚ କରାଯିବା ଆକଳନ କରାଯାଇଛି।

ମୁଖ୍ୟ ଅତିଥି ମାନ୍ୟବର ପର୍ଯ୍ୟଟନ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀଯୁକ୍ତ କେ ଜେ ଆଲ୍‌ଫୋନ୍‌ସ, ପର୍ଯ୍ୟଟନ ମନ୍ତ୍ରଣାଳୟ, ସଂସ୍କୃତି ମନ୍ତ୍ରଣାଳୟ ଓ ଭାରତୀୟ ପ୍ରତ୍ନତତ୍ୱ ସର୍ବେକ୍ଷଣ (ଏଏସ୍ଆଇ)ର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି। ଏମ୍ଓୟୁ ସ୍ୱାକ୍ଷର ହେବା ଅବସରରେ ଶ୍ରୀଯୁକ୍ତ ପୁନୀତ ଡାଲମିଆ, ପରିଚାଳନା ନିର୍ଦ୍ଦେଶକ, ଡାଲମିଆ ଭାରତ ଗ୍ରୁପ୍ କହିଛନ୍ତି ଯେ, "ଭାରତର ଅନ୍ୟତମ ଶ୍ରେଷ୍ଠ ଐତିହ୍ୟ ସ୍ଥଳକୁ ପୋଷ୍ୟ ଭାବେ ଗ୍ରହଣ କରି ଆମେ ଗର୍ବିତ ମନେ କରୁଛୁ। ଡାଲମିଆ ଭାରତରେ ଆମେ କର୍ମ କ୍ଷେତ୍ରରେ ଭାରତୀୟ ସଂସ୍କୃତି ଓ ପ୍ରଥାକୁ ଗର୍ବର ସହିତ ଗ୍ରହଣ କରିଛୁ। ଏହା ଆମ ପାଇଁ ହେଉଛି ଆମେ ଯାହା ବିଶ୍ୱାସ କରୁ ତାହାର ସଂପ୍ରସାରଣ। ଦେଶରେ ଥିବା କୀର୍ତିରାଜି, ଐତିହ୍ୟ ଓ ପର୍ଯ୍ୟଟନ ସ୍ଥଳଗୁଡ଼ିକର ପର୍ଯ୍ୟଟନ ଦକ୍ଷତା ଓ ସାଂସ୍କୃତିକ ଗୁରୁତ୍ୱରେ ଉନ୍ନତି ଆଣିବା ପାଇଁ ସେଗୁଡ଼ିକୁ ବିକଶିତ କରିବା ପାଇଁ ପର୍ଯ୍ୟଟନ ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ଉଦ୍ୟମ ହେଉଛି ପୋଷ୍ୟ ଐତିହ୍ୟ। ଭାରତୀୟ ଐତିହ୍ୟ ସ୍ଥଳରେ ଯଥା ସମ୍ଭବ ଉପାୟରେ ମୂଲ୍ୟ ଯୋଗ କରିବାକୁ ଆମେ ଚହିଁ ରହିଛୁ।''

ଏହି ଅବସରରେ ଶ୍ରୀଯୁକ୍ତ ସନ୍ଦୀପ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଡାଲମିଆ ଭାରତ କହିଛନ୍ତି ଯେ, "ଆମ ଉପରେ ବିଶ୍ୱାସ କରିଥିବା ଓ ଆମକୁ ସୁଯୋଗ ଦେଇଥିବାରୁ ଆମେ ପର୍ଯ୍ୟଟନ ମନ୍ତ୍ରଣାଳୟ ନିକଟରେ କୃତଜ୍ଞ। ଆମର ଉତ୍ସର୍ଗୀକୃତ ଉଦ୍ୟମ ଜରିଆରେ ଆମେ ସୁବିଧାସୁଯୋଗ ଓ ଅନୁଭୂତି ଦୃଷ୍ଟିରୁ ଲାଲ କିଲ୍ଲାକୁ ବିଶ୍ୱ ସ୍ତରୀୟ କୀର୍ତିରାଜିରେ ପରିଣତ କରିବୁ। ଏଭଳି ପଦକ୍ଷେପ ପର୍ଯ୍ୟଟନ ଅଭିଜ୍ଞତା ବଢ଼ାଇବ, ଫଳରେ ଉଭୟ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ଆମର ଉଦ୍ୟମ ସହିତ ଆମେ ଭାରତୀୟ ଐତିହ୍ୟ ସ୍ଥଳକୁ ଆମ ପାଇଁ ଗର୍ବର ସଙ୍କେତରେ ପରିଣତ କରିବୁ।'' ଏହି ପ୍ରଥମ ଧରଣର ପୋଷ୍ୟ ଗ୍ରହଣରେ ଡାଲମିଆ ଭାରତ ପର୍ଯ୍ୟଟନ ସୁବିଧାସୁଯୋଗର ବିକାଶ ଓ ବ୍ୟବସ୍ଥା ନିର୍ମାଣ, ଲ୍ୟାଣ୍ଡସ୍କେପ୍, ପ୍ରଦୀପକ ଓ ରକ୍ଷଣାବେକ୍ଷଣ କରିବ। ସେଥି ମଧ୍ୟରେ ରହିଛି ବିଭିନ୍ନ ମୌଳିକ ଓ ଅତ୍ୟାଧୁନିକ ସୁବିଧାସୁଯୋଗ ଯଥା ଜନ ସାଧାରଣଙ୍କ ପାଇଁ ସୁବିଧା, ଶୁଦ୍ଧ ପାନୀୟ ଜଳ, କୀର୍ତିରାଜିର ପରିଚ୍ଛନ୍ନତା, ସମସ୍ତେ ଯେଭଳି ପହଂଚିପାରିବେ, ସାଇନେଜ୍, କ୍ଲୋକ୍ ରୁମ୍ ସୁବିଧା, ପ୍ରଦୀପକ ଓ ରାତି ଦର୍ଶନ, ନିରୀକ୍ଷଣ ବ୍ୟବସ୍ଥା, ପର୍ଯ୍ୟଟକଙ୍କୁ ସୁବିଧା ତଥା ଇଟଂରପ୍ରିଟେସନ୍ କେନ୍ଦ୍ର ହେଉଛି ଅନ୍ୟତମ।

ଏହା ବ୍ୟତୀତ ଡାଲମିଆ ଭାରତ ପକ୍ଷରୁ ପରିଦର୍ଶନକାରୀଙ୍କ ପାଇଁ ପ୍ରମୁଖ ସୁବିଧା ସୁଯୋଗ ଯଥା ଆପ୍ ଭିତିକ ବହୁଭାଷୀ ଅଡିଓ-ଗାଇଡ୍, ଡିଜିଟାଲ୍ ଇଟଂରଆକ୍ଟିଭ୍ କିଓସ୍କ, ଡିଜିଟାଲ୍ (ଏଲ୍ଇଡି) ସ୍କ୍ରିନିଂ, ମାଗଣା ୱାଇ-ଫାଇ ଓ କାଫେଟେରିଆ ସହିତ ସ୍ମରଣିକା ଦୋକାନ ରହିଛି ଯାହା ସ୍ଥାନୀୟ କଳା ଓ କଳାକୃତିର ପ୍ରଚାର ପ୍ରସାର କରିବ। ଦିବ୍ୟାଙ୍ଗମାନେ ଯେଭଳି ସୁବିଧାରେ ପହଂଚିପାରିବେ ତାହାକୁ ଦୃଷ୍ଟିରେ ରଖି ଏଠାରେ ର୍ୟାମ୍ପ ଓ ଦିବ୍ୟାଙ୍ଗ ପାଇଁ ଶୌଚାଳୟ ନିର୍ମାଣ କରାଯିବ। ହ୍ୱିଲଚେୟାର ଉପଲବ୍ଧତା, ବ୍ୟାଟେରି ଚାଳିତ ଗାଡ଼ି, ବ୍ରେଲି ସାଇନେଜ୍ ହେଉଛି କେତେକ ନୂତନ ସୁବିଧା ଯାହା ଲାଲ୍ କିଲ୍ଲାକୁ ବାଧାମୁକ୍ତ କୀର୍ତିରାଜିରେ ପରିଣତ କରିବ। ପିଟିଜେଡ୍ ଭିତିକ ସିସିଟିଭି କ୍ୟାମେରା ଭଳି ଅତ୍ୟାଧୁନିକ ନିରୀକ୍ଷଣ ବ୍ୟବସ୍ଥାକୁ ଏଏସ୍ଆଇର ଅନୁମତିପ୍ରାପ୍ତ ଗାଇଡଲାଇନ୍ ଅନୁଯାୟୀ ବ୍ୟବହାର କରାଯିବ। କୀର୍ତିରାଜିର ଦର୍ଶକ ଧାରଣ କ୍ଷମତା ସହିତ ଡାଲମିଆ ଭାରତ ପକ୍ଷରୁ ପର୍ଯ୍ୟଟକ ପ୍ରବାହ ପରିଚାଳନା ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ଲାଇଟ୍ ଆଣ୍ଡ ସାଉଣ୍ଡ୍ ସୋ' ସହ ନିୟମିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କୀର୍ତିରାଜିକୁ ରାତ୍ରୀ ଭ୍ରମଣର ସୁବିଧା ଆଦି ଆୟୋଜନ କରାଯିବ। "ପୋଷ୍ୟ ଐତିହ୍ୟ(ଆପନିଧରୋହରଆପନିପେହଚାନ୍ ପ୍ରକଳ୍ପ)କୁ ବିଶ୍ୱ ପର୍ଯ୍ୟଟନ ଦିବସ (୨୭ ସେପ୍ଟେମ୍ବର ୨୦୧୭)ରେ ଭାରତର ରାଷ୍ଟ୍ରପତି ଘୋଷଣା କରିଥିଲେ। ଏଥିରେ ଘରୋଇ, ରାଷ୍ଟ୍ରାୟତ କଂପାନି ଓ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ଐତିହ୍ୟ ସ୍ଥଳକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଆହ୍ୱାନ କରାଯାଉଛି ଯାହାର ସେମାନେ ଦାୟିତ୍ୱ ନେବେ ଓ ସେମାନଙ୍କ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ ଅଧୀନରେ ସଂରକ୍ଷଣ ଓ ବିକାଶ କରିବେ।

ଯୁବପିଢ଼ିଙ୍କୁ ଡିଏସ୍‌ଟି ପ୍ରକଳ୍ପରେ ଉଦ୍ୟମିତା ସହାୟତା ପ୍ରଦାନ କରାଯିବ : ଇଡିଆଇଆଇ

ଓଡ଼ିଶାର ଦୁଇଟି ଜିଲ୍ଲା କଳାହାଣ୍ଡି ଓ ଢେଙ୍କାନାଳ ରହିଛି

ଭୁବନେଶ୍ୱର,୨୫/୪ (ନି:ପ୍ର) ଏଂଟରପ୍ରେନ୍ୟୁଅରସିପ୍ ଡେଭେଲପମେଂଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଇଡିଆଇଆଇ) ପକ୍ଷରୁ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ଓ ଭାରତ ସରକାରଙ୍କ ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ଉଦ୍ୟମିତା ବିକାଶ ବୋର୍ଡ (ଏନ୍ଏସ୍‌ଟିଇଡିବି) ଅଧୀନରେ ଦେଶର ୪୦ଟି ଜିଲ୍ଲାର ୭ ହଜାରରୁ ଅଧିକ ଯୁବକଯୁବତୀଙ୍କୁ ଉଦ୍ୟମିତା ସହାୟତା ପ୍ରଦାନ କରାଯିବ।

ପୁଷ୍ଟି, ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ ଓ ଉଦ୍ୟମିତା କ୍ଷେତ୍ରରେ ଦ୍ରୁତ ପରିବର୍ତନ ଓ ନିରନ୍ତର ବିକାଶ ପାଇଁ ଭାରତ ସରକାର ୧୧୫ଟି ଜିଲ୍ଲାକୁ ଚିହ୍ନଟ କରିଛନ୍ତି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରୁ ୪୦ଟି ଜିଲ୍ଲାକୁ ବିଜ୍ଞାନ ଓ ପ୍ରଯୁକ୍ତି ଉଦ୍ୟମିତାର ପ୍ରସାର ପାଇଁ ଚିହ୍ନଟ କରାଯାଇଛି।

ଇଡିଆଇଆଇର ନିର୍ଦ୍ଦେଶକ ଡକ୍ଟର ସୁନୀଲ୍ ଶୁକ୍ଳା କହିଛନ୍ତି ଯେ, "ଅନୁନ୍ନତ ଅଂଚଳର ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଉଦ୍ୟମିତାକୁ ଏକ ରଣନୀତିପୂର୍ଣ୍ଣ ବିକାଶ ପଦକ୍ଷେପ ଭାବେ ଗଣା ହେଉଛି। ନିରନ୍ତର ଅଭିବୃଦ୍ଧି ଓ ବିକାଶ ହାସଲ କରିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ୟମିତାର ଭାବ ପ୍ରବେଶ କରାଇବାର ଆବଶ୍ୟକତା ରହିଛି। ଏହି ପ୍ରକଳ୍ପ ଜରିଆରେ ଆମେ ଭାରତର ଆଭ୍ୟନ୍ତରୀଣ ଅଂଚଳରେ ନୂଆ ପିଢ଼ିର ନିଯୁକ୍ତି ସୃଷ୍ଟିକାରୀଙ୍କୁ ମେଂଟରିଂ ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।''

ଚିହ୍ନଟ ହୋଇଥିବା ୪୦ଟି ଜିଲ୍ଲା ମଧ୍ୟରୁ ପ୍ରତିଟି ଜିଲ୍ଲାରେ ୩ଟି ଲେଖାଏଁ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରତି କାର୍ଯ୍ୟକ୍ରମରେ ୬୦ ଅଂଶଗ୍ରହଣକାରୀଙ୍କୁ ସାମିଲ କରାଯିବ। ନଅ ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ। ଏହି କାର୍ଯ୍ୟକ୍ରମ ପାଇଁ ଓଡ଼ିଶାର ଦୁଇଟି ଜିଲ୍ଲା କଳାହାଣ୍ଡି ଓ ଢ଼େଙ୍କାନାଳକୁ ଚିହ୍ନଟ କରାଯାଇଛି। ଏହି ଦୁଇ ଜିଲ୍ଲାରେ ଆସନ୍ତା ଏକ ବର୍ଷ ଭିତରେ ୩୫୦ରୁ ଅଧିକ ଲୋକଙ୍କୁ ଉଦ୍ୟମିତା ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି।

ପ୍ରଫେସର ଏସ୍‌ବି ସରୀନ୍, ପ୍ରକଳ୍ପ ନିର୍ଦ୍ଦେଶକ ଓ ସଦସ୍ୟ ସଚିବ, ଡିଏସ୍‌ଟି-ଏନ୍ଆଇଏମ୍ଏଟି ପ୍ରକଳ୍ପ, ଇଡିଆଇଆଇ କହିଛନ୍ତି ଯେ, "ଉଦ୍ୟମିତା ସଚେତନତା ଓ ବିକାଶ କାର୍ଯ୍ୟକ୍ରମର ଭୂମିକା ହେବ ଉଦ୍ୟମିତାର ବିଭିନ୍ନ ଦିଗ ବିଷୟରେ ହିତାଧିକାରୀମାନଙ୍କୁ ଅବଗତ କରିବା ଯଦ୍ୱାରା ସେମାନଙ୍କ ମଧ୍ୟରେ ଉଦ୍ୟମିତା ଏକ କ୍ୟାରିଅର ଚୟନ ଭାବେ ଉଭା ହେବ। ଏହି କାର୍ଯ୍ୟକ୍ରମରେ ଉଦ୍ୟମିତାର ବିଭିନ୍ନ ଲାଭ ବିଷୟରେ ଜ୍ଞାନ ଓ ସୂଚନା ପ୍ରଦାନ କରାଯିବ। କେଉଁଠାରୁ ଆର୍ଥିକ ସହାୟତା ମିଳିବ, ପ୍ରୋତ୍ସାହନ, ସରକାରଙ୍କ ସବ୍‌ସିଡି ଆଦି ବିଷୟରେ ସୂଚନା ପ୍ରଦାନ କରି ସମାଜର ବିଭିନ୍ନ ବର୍ଗରେ ଉଦ୍ୟୋଗ ସୃଷ୍ଟି କରାଯିବ।''

ବିପଦମୁକ୍ତ ସଡ଼କ ଯାତ୍ରା ନିମନ୍ତେ ପ୍ରୋତ୍ସାହନ

ଭୁବନେଶ୍ୱର,୨୫।୪ (ନି:ପ୍ର) ସୁରକ୍ଷିତ ଓ ଧିର ଗାଡ଼ିଚାଳନା ପାଇଁ ପ୍ରୋତ୍ସାହିତ କରିବା ନିମନ୍ତେ, ଫୋର୍ଡ ଇଣ୍ଡିଆ ଏବଂ ଭାରତୀୟ ସଡ଼କ ସୁରକ୍ଷା ଅଭିଯାନ(ଆଇଆର୍‌ଏସ୍‌ସି)ର ସହବନ୍ଧିତାରେ ପଥଚାରୀଙ୍କ ସୁରକ୍ଷା, ଗଳିରେ ଗାଡ଼ି ଚାଳନା, ସଡ଼କ କୋଳାହଳ ବୃଦ୍ଧି ଓ ବିଚଳିତ ଗାଡ଼ି ଚାଳନାଭଳି କେତେକ ସଡ଼କ ସୁରକ୍ଷା ସଂକ୍ରାନ୍ତ ପ୍ରଶଙ୍ଗକୁ ନିଜର ମୁଖ୍ୟ ଉଦ୍ଦେଶ୍ୟ କରିଆସିଛି।

ଫୋର୍ଡ କାର୍ଟସି ଅଧିନରେ ହେଉଥିବା ଏହି ସଚେତନତା ଅଭିଯାନ ଆଇଆର୍‌ଏସ୍‌ସିର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ପରିଚାଳିତ ହେବାକୁ ଯାଉଛି ଓ ଏହି ଅଭିଯାନ ସଡ଼କ ସୁରକ୍ଷା ସପ୍ତାହରେ ୫,୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନଙ୍କ ନିକଟରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ଏହି ଅଭିଯାନ ସମୟରେ ଚିତ୍ରକଳା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ବ୍ୟତୀତ ଉକ୍ତ ଅଭିଯାନରେ ଫୋର୍ଡ଼ର ସ୍ୱତନ୍ତ୍ର ପ୍ୟାରେଣ୍ଟ ସେଫ୍ଟି ରିପୋର୍ଟ କାର୍ଡ଼ ହେଉଛି ମୁଖ୍ୟ ଆକର୍ଷଣ।

ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

ପୂର୍ବ ଓଡିଶା ଧନୁ ଯାତ୍ରା ମହୋତ୍ସବ - ୨୦୧୮

ଜଟଣୀ,୨୫।୪ (ନି:ପ୍ର) ଜଟଣୀ ନିକଟସ୍ଥ ପାତ୍ରପଡ଼ାରେ ଚାଲିଥିବା ଧନୁଯାତ୍ରା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ସଂଧ୍ୟାରେ ଆୟୋଜକ ଶ୍ରୀ ଶ୍ରୀମଦନମୋହନ ନାଟ୍ୟ କଳା ସଂସଦର ସଦସ୍ୟଙ୍କ ଦ୍ୱାର ମଂଚସ୍ଥ ହୋଇଥିଲା 'କଂସବଧ' । ଏଥିରେ କୃଷ୍ଣଙ୍କୁ ମାରିବା ପାଇଁ କଂସ ରାଜାଙ୍କ ସମସ୍ତଙ୍କ ଉଦ୍ୟମ ବିଫଳ ହେବା ପରେ ସେ କିପରି ନୂଆ ଯୋଜନା କରିଥିଲେ ତାହା ଦେଖିବାକୁ ମିଳିଥିଲା । ଶ୍ରୀ ଶ୍ରୀମଦନମୋହନ ନାଟ୍ୟ କଳା ସଂସଦର କଳାକାରମାନଙ୍କ ଦ୍ୱାରା ବିଭିନ୍ନ ଚରିତ୍ରରେ କରିଥିବା ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । କଂସ ଭୂମିକାରେ ଅଭିନୟ କରିଥିବା କଳାକାର ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ସେହିପରି ଆରମ୍ଭରେ ସ୍ଥାନୀୟ ସଂଗୀତା ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ଓ ପଲ୍ଲୀ ନୃତ୍ୟ ସମସ୍ତଙ୍କୁ ବିଭୋର କରିଦେଇଥିଲା । ଉଦ୍‌ଯାପନୀ ସଂଧ୍ୟାରେ ପଂଚାୟତରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଏକ ଘରୋଇ ଚ୍ୟାନେଲ୍‌ର ସମ୍ବାଦଦାତା ଅର୍ଦ୍ଧେନ୍ଦୁ ଦାସ, ପିସିସି ସଭାପତି ନିରଂଜନ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ମଳୟ ମହାନ୍ତି, ସରପଂଚ ଦମୟନ୍ତୀ ନିଶଙ୍କ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ୬୨ ଫୁଟ ଉଚ୍ଚର ପ୍ରସ୍ତୁତ କଂସ ପୋଡ଼ି ହୋଇଥିଲା । ଉପରୋକ୍ତ କାର୍ଯ୍ୟକ୍ରମ ସହ ଧନୁଯାତ୍ରା ପଡ଼ିଆରେ ହୋଇଥିବା ମୀନାବଜାର, ବିଭିନ୍ନ ଷ୍ଟଲ ନିକଟରେ ବହୁ ଜନସମାଗମ ଦେଖିବାକୁ ମିଳିଥିଲା । ପଦ୍ମଚରଣ ପ୍ରଧାନ, ମନୋଜ କୁମାର ସାହୁ, ଲଲାଟେନ୍ଦୁ ବେବର୍ତା, ପ୍ରମୋଦ ଦାସ, ତାରେଶ୍ୱର ସ୍ୱାଇଁ, ଦ୍ୱାରିକାନାଥ ସେନ୍, ମୁନା ପ୍ରଧାନ, ମନମୋହନ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ।

ଟ୍ରେନ୍ ଧକ୍କାରେ ଆହତ ମାଈହାତୀର ମୃତ୍ୟୁ

ଢେଙ୍କାନାଳ,୨୫।୪ (ନି:ପ୍ର) ଢେଙ୍କାନାଳ ସଦର ରେଞ୍ଜ ଅନ୍ତର୍ଗତ ସଦର ଥାନା ଅଧିନ ୫୫ ନମ୍ବର ଜାତୀୟ ରାଜପଥ ଠାରୁ ମାତ୍ର ଅଳ୍ପଦୂର କାଉଁରିଆପାଳ ରେଲୱେ କ୍ରସିଂ ଠାରେ ଗତ ଶନିବାର ଦିନ ମାଲବାହୀ ଟ୍ରେନ୍ ଧକ୍କାରେ ଗୁରୁତର ଆହତ ହୋଇଥିବା ମାଈହାତୀର ମୃତ୍ୟୁ ଘଟିଛି । ଅନ୍ୟପକ୍ଷେ, ଗୁରୁତର ଆହତ ପରେ ବନ ବିଭାଗ ପକ୍ଷରୁ ଉପଯୁକ୍ତ ଚିକିତ୍ସା କରା ନ ଯିବା ଯୋଗୁଁ ଆହତ ହାତୀର ମୃତ୍ୟୁ ଘଟିଲା ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । କେବଳ ସେତିକି ନୁହଁ ସଦର ରେଞ୍ଜ ଅଂଚଳରେ ଆହତ ହାତୀକୁ ହିନ୍ଦୋଳ ରେଞ୍ଜ ଅଂଚଳର ବହଣ୍ଡେଇ ସଂରକ୍ଷିତ ଜଙ୍ଗଲରୁ ମୃତ ଅବସ୍ଥାରେ ଠାବ କରି ଯାଇଥିବା ଯୋଗୁଁ ସେଠାକୁ ଆହତ ଅବସ୍ଥାରେ ହାତୀଟି କିପରି ଗଲା ଏବଂ ବନ କର୍ମଚାରୀ ମାନେ କିପରି ଜାଣି ପାରିଲେ ନାହିଁ ବୋଲି ହାତୀ ପ୍ରେମୀଙ୍କ ମଧ୍ୟରେ ଆଲୋଚନା ହେଉଛି । ସୂଚନା ଯୋଗ୍ୟ ଯେ, ଏହି ରେଞ୍ଜ ଅଂଚଳରେ ଗତ କିଛି ଦିନ ଧରି ଏକ ଗୋଠଛଡା ନରହନ୍ତା ଦନ୍ତାହାତୀ ଆତଙ୍କ ସୃଷ୍ଟି କରିବା ସହିତ ଜଣକ ପରେ ଜଣଙ୍କୁ ମାରି ଚାଲିଥିବା ବେଳେ ଗତ ଶନିବାର ଦିନ ବଡି ଭୋରରୁ କାଉଁରିଆପାଳର ଆଉଜଣେ ମହିଳାଙ୍କୁ ମାରି ଦେବାରୁ ଜନ ଆନ୍ଦୋଳନ ବୃଦ୍ଧି ପାଇ ଗୁରୁତର ଆକାର ଧାରଣ କରିଥିଲା ।

ଏହାର କିଛି ଘଣ୍ଟା ପରେ ସେହି ଅଂଚଳରେ ଥିବା ପ୍ରାୟ ୩୦ ହାତୀ ନିକଟସ୍ଥ ରେଳ ଲାଇନ୍‌କୁ ପାର ହେଉଥିବା ବେଳେ ହାତୀପଲ ପଛରେ ଥିବା ଏକ ମାଈହାତୀକୁ ଗୋଟିଏ ମାଲବାହୀ ଟ୍ରେନ୍ ଧକ୍କା ଦେବାରୁ ମାଈ ହାତୀଟି ଗୁରୁତର ଆହତ ହୋଇଥିଲା । ହାତୀଟି ଗୁରୁତର ଆହତ ହୋଇ ରେଳ ଲାଇନ୍ ନିକଟ ୫୫ ନମ୍ବର ଜାତୀୟ ରାଜପଥକୁ ଅତିକ୍ରମ କରିବା ବେଳେ ରାଜପଥରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଠିଆହୋଇ ରହିବାରୁ ଯାନ ଚଳାଚଳ ବ୍ୟାହତ ହୋଇଥିଲା । ଖବର ପାଇ ବନ କର୍ମଚାରୀ ମାନେ ପହଁଚି ତାକୁ ଜଗି ରହିବା ସହିତ ଅପରାହ୍ନରେ ଭୂବନେଶ୍ୱରରୁ ବିଶେଷଜ୍ଞଙ୍କୁ ଡକାଇ ଚିକିତ୍ସା ଆରମ୍ଭ ଉଦ୍ୟମ କରିଥିଲେ । ମାତ୍ର ହାତୀକୁ ଟ୍ରାଙ୍କୁଲାଇଜର୍ ନ ଦେଇ ତରଭୂଜ ଏବଂ କଦଳୀ ମଞ୍ଜାରେ ଓ ଔଷଧ ଖାଇବାକୁ ଦେଇଥିଲେ ମଧ ଔଷଧ ନ ଖାଇବାରୁ ହାତୀଟି ଅଧିକ ଅସୁସ୍ଥ ହୋଇ ଯାଇଥିଲା । ହାତୀକୁ କାବୁ କରି ନ ପାରିବା ଫଳରେ ଚିକିତ୍ସା କରା ନ ଯିବାରୁ ହାତୀର ମୃତ୍ୟୁ ଘଟିଥିଲା । ବନ ବିଭାଗ ପକ୍ଷରୁ ଜାଣିଶୁଣି ଅବହେଳା କରାଯିବା ଯୋଗୁଁ ଆହତ ମାଈହାତୀର ମୃତ୍ୟୁ ଘଟିଥିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ଜନ ସାଧାରଣଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

ଅସ୍ତରଙ୍ଗରେ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପାଳନ ପାଇଁ ପ୍ରସ୍ତୁତି

ଭୁବନେଶ୍ୱର,୨୫/୪ (ନି:ପ୍ର) ପୁରୀ ଜିଲ୍ଲାର ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ି, ଲବଣ ସତ୍ୟାଗ୍ରହ ଇତିହାସର ଅନ୍ୟତମ ପ୍ରମୁଖ ସ୍ମାରକୀ ପୀଠ। ୧୯୩୦ ମସିହା ମଇ ୨୧ ତାରିଖ ଦିନ ଉକ୍ତ ପୀଠରେ ଜାତୀର ଜନକ ବାପୁଜୀଙ୍କ ଆହ୍ୱାନରେ ଅନୁପ୍ରାଣୀତ ହୋଇ ସ୍ଥାନୀୟ ତତ୍‌କାଳୀନ ସ୍ୱାଧୀନତା ସଂଗ୍ରାମୀମାନେ ଇଂରେଜ ସରକାର ବିରୁଦ୍ଧରେ ଲବଣ ଆଇନ ଭଙ୍ଗ କରିଥିଲେ। ସେ ଦିନ ଥିଲା ଜାତି ପ୍ରିତି ପାଇଁ ସଂଗ୍ରାମୀମାନଙ୍କର ଆହ୍ୱାନ "ଆମ ଦରିଆରୁ ଆମେ ମାରିବୁ ଲୁଣ, ଗୋରା ବେପାରୀଙ୍କ ଭାଙ୍ଗିବୁ ଟାଣ।" ଦେଶ ମାତୃକାର ସେବାରେ ଆଗାମୀ ଯୁବ ପିଢୀଙ୍କ ପାଇଁ ଏହି ସ୍ମୃତିକୁ ଉଜ୍ଜିବୀତ କରି ରଖିବା ପରିପ୍ରେକ୍ଷୀରେ ଆସନ୍ତା ମଇ ୨୦ ଓ ୨୧ ତାରିଖ ଦିନ ଓଳଙ୍ଗର-ଝଣ୍ଡାସାହି ଓ କୁହୁଡ଼ି ସଂଗ୍ରାମୀ ସ୍ମୃତି ପୀଠରେ ୮୮ ତମ ଲବଣ ସତ୍ୟାଗ୍ରହୀ ସ୍ମାରକୀ ସମାରୋହ ଆୟୋଜନ କରାଯିବା ପାଇଁ ଗତ ଏପ୍ରିଲ ୨୪ ତାରିଖ ଦିନ କାକଟପୁରସ୍ଥିତ ପୂର୍ତ ଡାକ ବଙ୍ଗଳାଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଉତ୍କଳ ସଂଗ୍ରାମୀ ସମିତିର ସଭାପତି ସୋମନାଥ ପାତ୍ର, କାର୍ଯ୍ୟକାରୀ ସଭାପତି ତଥା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ, ସାଧାରଣ ସମ୍ପାଦକ ନିରୋଦ ବରଣ ମହାନ୍ତି, ମୁଖ୍ୟ ସଂଯୋଜକ ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ଅନ୍ୟତମ ସଂଯୋଜକ ତଥା ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, ଉପଦେଷ୍ଟା ଗୋଲକ ଚରଣ ମହାନ୍ତି, ଉପ ସଭାପତି ଦେଶ ବନ୍ଧୁ ସ୍ୱାଇ, ସ୍ୱାମୀଜୀ ପୂର୍ଣ୍ଣାନନ୍ଦ ସ୍ୱାଇଁ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ, କମିଟିର ଅନ୍ୟତମ ସଦସ୍ୟ , ଭୋଳାନାଥ ସ୍ୱାଇଁ, କ୍ଷୀରୋଦ ଚନ୍ଦ୍ର ମହାନ୍ତି, କୁହୁଡ଼ି ଗ୍ରାମର ଯୁବନେତା ପବିତ୍ର ସ୍ୱାଇଁ, ହେମନ୍ତ କୁମାର ମଲ୍ଲ, କୈଳାଶ ଚନ୍ଦ୍ର ସାହୁ, ସାଧୁ ଚରଣ ବିଶ୍ୱାଳ ପ୍ରମୁଖ ସଦସ୍ୟବୃନ୍ଦ ବୈଠକରେ ଯୋଗଦେଇ ଦଳମତ ନିର୍ବିଶେଷରେ ସରକାରଙ୍କ ସୂଚନା ଲୋକ ସମ୍ପର୍କ ବିଭାଗ, ସଂସ୍କୃତି ବିଭାଗ, ଜିଲ୍ଲା ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ଉପରୋକ୍ତ କାର୍ଯ୍ୟକ୍ରମକୁ ବ୍ୟାପକ ଫଳପ୍ରସୁ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଖୁବ୍ ନିକଟରେ ଏକ ପୂର୍ଣ୍ଣାଙ୍ଗ ବୈଠକ ସ୍ଥାନୀୟ ପଂଚାୟତ ସମିତି ଅଧକ୍ଷ, ବିଧାୟକ, ସାଂସଦ ପ୍ରତିନିଧି, ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ଅନୁଷ୍ଠିତ ହୋଇ ଆଗାମୀ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଏୟାରଟେଲ୍ ଅନଲାଇନ୍ ଷ୍ଟୋର୍‌ରେ ଆପଲ ୱାଚ୍ ସିରିଜ ୩

ଭୁବନେଶ୍ୱର,୨୫।୪ (ନି:ପ୍ର) ଭାରତର ଅଗ୍ରଣୀ ଦୂରସଂଚାର ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ ପକ୍ଷରୁ ଆପଲ ୱାଚ ସିରିଜ ୩ (ଜିପିଏସ ଏବଂ ସେଲ୍ୟୁଲାର) ବିକ୍ରି କରିବବୋଲି ଘୋଷଣା କରାଯାଇଛି । ଏହାର ପ୍ରି-ରେଜିଷ୍ଟ୍ରେସନ ମେ ୪, ୨୦୧୮ରୁ ଆରମ୍ଭ ହେଉଥିବାବେଳେ ୧୧ ମେ ୨୦୧୮ରୁ ଏହା ଉପଲବ୍ଧ ହେବାକୁ ଯାଉଛି । ଉପଭୋକ୍ତାମାନେ ଏହାର ପ୍ରି-ରେଜିଷ୍ଟ୍ରେସନ ଙଙଙ.ବସକ୍ସଷ୍ପରକ୍ଷ.ସଭ ୱେବସାଇଟରେ କରିପାରିବେ ।

ଏୟାରଟେଲ୍ ପୋଷ୍ଟପେଡ ଗ୍ରାହକମାନେ ସେମାନଙ୍କ ପାଖରେ ଥିବା ପ୍ଲାନ ସହିତ ଯେକୌଣସି ଏୟାରଟେଲ ମାଇଁ ପ୍ଲାନ୍ କିମ୍ବା ଇନଫିନିଟି ପ୍ଲାନ ସହିତ ଆପଲ ୱାଚ ସିରିଜ ୩କୁ ସମ୍ପୂର୍ଣ୍ଣ ମାଗଣାରେ ସଂଯୋଗ କରିପାରିବେ। ଆପଲ ୱାଚ ସିରିଜ ୩ (ଜିପିଏସ ଏବଂ ସେଲ୍ୟୁଲାର)ରେ ଏକ ଇଲେକଟ୍ରୋନିକ ସିମ୍ ପ୍ରଦାନ କରାଯିବ ଯାହା ଗ୍ରାହକମାନେ ନିଜର ଏୟାରଟେଲ୍ ନମ୍ବର ସହିତ ବ୍ୟବହାର କରିପାରିବେ । ଆଇ ଫୋନ ସହିତ ସୁସଙ୍ଗତ ଆପଲ ୱାଚ ସିରିଜ ୩ ଗୁଡିକ ହେଉଛି - ଆଇ ଫୋନ ଏସଇ, ୬ /୬ ପ୍ଲସ, ୬ଏସ /୬ଏସ ପ୍ଲସ, ୭ /୭ ପ୍ଲସ, ୮/ ୮ ପ୍ଲସ ଏବଂ ଆଇଫୋନ ଏକ୍ସ । ଆଇଫୋନକୁ ଆଇଓଏସ ୧୧.୩ କିମ୍ବା ତତୁର୍ଦ୍ଧ ଭର୍ସନକୁ ଅପଗ୍ରେଡ କରିବାକୁ ପଡିବ । ଆପଲ ୱାଚ୍ ସିରିଜ୩ (ଜିପିଏସ + ସେଲ୍ୟୁଲାର) ସହିତ ସେଲ୍ୟୁଲାର ସେବାକୁ ସକ୍ରିୟ କରିବା ପାଇଁ ଗ୍ରାହକ ମାନଙ୍କୁ ପ୍ରଥମେ ଆଇଫୋନରୁ ଆଇଓଏସ ୧୧.୩ ଏବଂ ୱାଚ ଓଏସ ୪.୩କୁ ଅପଡେଟ କରିବାକୁ ପଡିବ ଏବଂ ପରେ ଆଇଫୋନର ସେଟିଙ୍ଗ - ଜେନେରାଲ - ଆବାଉଟ ଏବଂ ପରେ ଲାଟେଷ୍ଟ କ୍ୟାରିୟର ସେଟିଙ୍ଗରେ ଅପଡେଟ କରିବାକୁ ପଡିବ ।

'ଲିସନର'ର ଶୁଭମୁକ୍ତି କରାଯିବ

ଭୁବନେଶ୍ୱର,୨୫।୪ (ନି:ପ୍ର) ରୟାଲ୍ ଷ୍ଟାଗ୍ ବାରେଲ୍ ସିଲେକ୍ଟ ପକ୍ଷରୁ ନିର୍ଦ୍ଦେଶକ ତରୁଣ ଦୁଦେଜାଙ୍କ ଦ୍ୱାରା ହୋଇଥିବା କ୍ଷୁଦ ଚଳଚ୍ଚିତ୍ର 'ଲିସନର୍'ର ଶୁଭମୁକ୍ତି ସମ୍ପନ୍ନ ହେବ। ଏହାର ପ୍ରଡ୍ୟୁସର୍ ସଞ୍ଜୀବ୍ କୁମାର ନାୟାର ଅଛନ୍ତି। ଏହି ଚଳଚ୍ଚିତ୍ରରେ କୁମୁଦ ମିଶ୍ର,ୟୁସୁଫ୍ ହୁସେନ୍, ଶିବାନୀ ଟଙ୍କାଶାଳେ ଏବଂ ଶଶାଙ୍କ ଆରୋରା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ନିଜ ଝିଅକୁ ଗପ ଶୁଣାଉଥିବା ଜଣେ ପିତାଙ୍କ କାହାଣୀ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ତାଙ୍କ ଗପ ଶୁଣିବା ପାଇଁ ସେ ଝିଅକୁ ଘଂଟା ପିଛା ଟଙ୍କା ଦେଉଥିବାର ଫିଲ୍ମରେ ଦୃଶ୍ୟାଙ୍କନ କରାଯାଇଛି।

ଏହି ଅବସରରେ ପେରନର୍ଡ ରିକାର୍ଡ ଇଣ୍ଡିଆର ମାର୍କେଟିଙ୍ଗ୍ ଆସିଷ୍ଟାଂଟ୍ ଭାଇସ୍ ପ୍ରେସିଡେଂଟ୍ ରାଜା ବାନାର୍ଜୀ କହିଲେ, " ରୟାଲ ଷ୍ଟାଗ୍ ବ୍ୟାରେଲ୍ ବିସ୍ତୃତ ବର୍ଗର କ୍ଷୁଦ୍ର ଚଳଚ୍ଚିତ୍ର ଚୟନ ଉପରେ ଗୁରୁତ୍ୱାରୋପ କରିଥିବାବେଳେ ଏହି ବର୍ଗରେ ସମ୍ବେଦନଶୀଳ ଫିଲ୍ମ ଲିସନର୍‌କୁ ସାମିଲ୍ କରାଯାଇଛି। ଏହା ଦ୍ୱାରା ଫିଲ୍ମ କ୍ଷେତ୍ରରେ ସୃଜନଶୀଳତାର ବିକାଶ ହେବା ସହିତ ଉନ୍ନତ ମାନର ଫିଲ୍ମ ଲୋକଲୋଚନକୁ ଆସିପାରିବ। ନିର୍ଦ୍ଦେଶକ ତରୁଣ ଦୁଦେଜାଙ୍କ ଦ୍ୱାରା ହୋଇଥିବା କ୍ଷୁଦ ଚଳଚ୍ଚିତ୍ର 'ଲିସନର୍'ର ଶୁଭମୁକ୍ତି ସମ୍ପନ୍ନ ହେବ। ଏହି ଚଳଚ୍ଚିତ୍ର ହିନ୍ଦୁସ୍ତାନ ଟାଇମ୍ସ କଳାଗାଡ଼ା ଆର୍ଟ ଫିଲ୍ମ ଉତ୍ସବରେ ପ୍ରଦର୍ଶିତ ହୋଇଛି। ସେହିପରି ୧୬ମ ନ୍ୟୁୟର୍କ ଇଣ୍ଡିଆନ୍ ଫିଲ୍ମ ଉତ୍ସବ, ୭ମ ଜାଗରଣ ଫିଲ୍ମ ଉତ୍ସବ, ୮ମ ଜୟପୁର ଅନ୍ତର୍ଜାତୀୟ ଫିଲ୍ମ ଉତ୍ସବ ଆଦିରେ ପ୍ରଦର୍ଶିତ ହୋଇଛି। ଏହାର ପ୍ରଡ୍ୟୁସର ସଞ୍ଜୀବ୍ କୁମାର ନାୟାର ସାତ୍ ଖୁନ୍ ମାଫ୍, ଘନଚକ୍କର, ରାଜ ନଟୱରଲାଲ୍ ଆଦି ଫିଲ୍ମ ନିର୍ମାଣ କରିଛନ୍ତି।"

ଏହି ଅବସରରେ ନିର୍ଦ୍ଦେଶକ ତରୁଣ ଦୁଦେଜା କହିଲେ, " ଏହି ଫିଲ୍ମରେ ମନର ଭାବନା ଉପରେ ସୃଜନାଶୀଳତା ଚିତ୍ର ରୂପାୟନ କରାଯାଇଛି। ପ୍ରେମ ଓ ପରିବାରିକ ସମ୍ପର୍କ ଏଥିରେ ଦର୍ଶାଯାଇଛି। ରୟାଲ ଷ୍ଟାଗ୍ ବ୍ୟାରେଲ୍‌ରେ ଲିସନର୍ ସ୍ଥାନ ପାଇଥିବାରୁ ମୁଁ ବିଶେଷ ଆନନ୍ଦିତ। ରୟାଲ ଷ୍ଟାଗ୍ ବ୍ୟାରେଲ୍ ଏକ ସଫଳ ପ୍ଲାଟଫର୍ମ ଭାବରେ ଏପରି ପ୍ରୟାସ କରି ବେଶ୍ ଖ୍ୟାତି ହାସଲ କରିପାରିଛି। ଏଥି ପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି।"

ରୟାଲ ଷ୍ଟାଗ୍ ବ୍ୟାରେଲ୍ 'ମେକ୍ ଇଟ୍ ପରଫେକ୍ଟ' ଉପରେ ବିଶ୍ୱାସ କରିଥାଏ। ଏହା ବଲିଉଡ୍‌ର ସୃଜନଶୀଳ ନିର୍ଦ୍ଦେଶକଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ରୟାଲ ଷ୍ଟାଗ୍ ବ୍ୟାରେଲ୍ ଏକ ସଫଳ ପ୍ଲାଟଫର୍ମ ଭାବରେ ବେଶ୍ ଖ୍ୟାତି ହାସଲ କରିପାରିଛି ଏବଂ ଫିଲ୍ମ ନିର୍ମାତାଙ୍କୁ ପ୍ରୋତ୍ସାହିତ କରିପାରୁଛି।

ରୟାଲ୍‌ଷ୍ଟାଗ୍ କ୍ଷୁଦ୍ର ଫିଲ୍ମ ଶୁଭମୁକ୍ତ କାର୍ଯ୍ୟ ଜାରି ରଖିଛି। ଇତି ମଧରେ ଅହଲ୍ୟା, ଇଂଟରିଅର୍ କେଫ୍-ନାଇଟ୍, ଓଉଚ୍, ଚଟ୍‌ନି, ଅନୁକୂଳ, ମୁମ୍ବାଇ ବାରାଣସୀ ଏକ୍ସପ୍ରେସ୍, ଖୁଲ୍ ୱାଲି ଚିଠି, ଦି ସ୍କୁଲ ବ୍ୟାଗ୍, ବ୍ରୁନୋ ଆଣ୍ଡ୍ ଜୁଲିଏଟ୍, ଶୁନ୍ୟତା, ଜୁଇସ୍, ମା',ଟେଷ୍ଟ୍ ଡ୍ରାଇଭ୍, ପ୍ରଭୃତିର ଶୁଭମୁକ୍ତି ହୋଇ ପାରିଛି।

ଏଚ୍‌ସିଏଫ୍‌ଆଇ ପକ୍ଷରୁ ଆଇବିଏସ୍ ସର୍ବେକ୍ଷଣ ଫଳାଫଳ ଘୋଷିତ

ଭୁବନେଶ୍ୱର,୨୫।୪ (ନି:ପ୍ର) ଦେଶର ଅଗ୍ରଣୀ ହେଲ୍‌ଥ ଏନ୍‌ଜିଓ ସଂସ୍ଥା ଏଚ୍‌ସିଏଫ୍‌ଆଇ ପକ୍ଷରୁ ନିକଟରେ ଆଇବିଏସ୍ ସମ୍ପର୍କିତ ସର୍ବେକ୍ଷଣର ଫଳାଫଳ ଘୋଷଣା କରାଯାଇଛି । ଏଥିରୁ ପ୍ରକାଶିତ ରିପୋର୍ଟ ଅନୁଯାୟି ୫ରୁ ୧୦ ପ୍ରତିଶତ ଲୋକମାନେ ତଳିପେଟ ଯନ୍ତ୍ରଣା, ଡାଇରିଆ, କୋଷ୍ଠକାଠିନ୍ୟତା ଭଳି ଇରିଟେବୁଲ୍ ବଏଲ୍ ସିନ୍‌ଡ୍ରମ୍ (ଆଇବିଏସ୍) ରୋଗ ପାଇଁ କୌଣସି ଡ଼ାକ୍ତରୀ ଚିକିତ୍ସାର ସହାୟତା ନିଅନ୍ତି ନାହିଁ। ଏମାନଙ୍କ ମଧ୍ୟରୁ ୮୪.୬% ଉତ୍ତରଦାତା ଏହିସବୁ ରୋଗକୁ ଅଣଦେଖା କରାଯାଇପାରିବ ନାହିଁବୋଲି ଭାବୁଥିବା ସମୟରେ, ୫୮% ଉତ୍ତରଦାତା ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ଦୋକାନରୁ ଔଷଧ ଗ୍ରହଣ କରିଥାଆନ୍ତି। ୩୩.୩% ଉତ୍ତରଦାତା ଭାବିଥାଆନ୍ତିଯେ, ଡାକ୍ତରଙ୍କୁ ପରାମର୍ଶ କରିବା ପାଇଁ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଏମିତିବି ଖରାପ ହୋଇନାହିଁ। ୮.୩% ଚିକିତ୍ସିତ ହେବାକୁ ଶ୍ରେୟ ମଣନ୍ତିନି। ୪୬% ଲୋକଙ୍କ ମତରେ ଆଇବିଏସ୍ ସେମାନଙ୍କ ଦୈନନ୍ଦିନ ଜୀବନକୁ ହାନି ପହଞ୍ଚାଇଥାଏ। ୪୧.୬% ଲୋକ ନିଜର ଡାଏଟ୍ ପରିବର୍ତ୍ତନ କରିବାକୁ ପସନ୍ଦ କରନ୍ତି।

ଡାକ୍ତର ଦେବାନନ୍ଦ ମହାପାତ୍ର, ସିନିୟର୍ ଗ୍ୟାସ୍ଟ୍ରୋଏଣ୍ଟେରୋଲୋଜିଷ୍ଟ୍ ହାଇଟେକ୍ ମେଡିକାଲ୍ କଲେଜ୍ ଏହି ଅବସରରେ ପ୍ରକାଶ କରିଛନ୍ତି ଯେ, "ଅଧିକ ଚର୍ବିଯୁକ୍ତ ଖାଦ୍ୟ, ଦୁଗ୍ଧଜାତ ଦ୍ରବ୍ୟ, ଚକୋଲେଟ୍, କାର୍ବୋନେଟେଡ୍ ପାନୀୟ, ବିନ୍ ଓ ବନ୍ଧାକୋବି ଭଳି ଗାସ୍ ସୃଷ୍ଟି କରୁଥିବା ଖାଦ୍ୟ ଆଦି ଆଇବିଏସ୍‌ର ଲକ୍ଷଣ ବୃଦ୍ଧି କରିଥାଏ। ଏଥିପାଇଁ ଅଧିକ ପରିମାଣରେ ପାଣି ପିଇବା ନିହାତି ଦରକାର।"

ଏଚ୍‌ସିଏଫ୍‌ଆଇର ସଭାପତି ଡଃ. କେକେ ଅଗ୍ରୱାଲ୍ କହିଛନ୍ତି ଯେ, "ଏକ ସାଧାରଣ ମନ୍ତ୍ର ସମସ୍ତେ ମନେରଖିବା ଆବଶ୍ୟକଯେ, ଯଦି କିଛି ଯନ୍ତ୍ରଣା ନାହିଁ, ତେବେ ଆଇବିଏସ୍‌ର ଆଶଙ୍କା ନାହିଁ। ତେଣୁ ଏହି ରୋଗ ବିଷୟରେ ଜାଗରଣ ସୃଷ୍ଟି କରିବା ହେଉଛି ପ୍ରମୁଖ । " ଏସ୍ ସି ପାଣିଗ୍ରାହୀ, କର କ୍ଲିନିକ୍ ଆଣ୍ଡ୍ ହସ୍‌ପିଟାଲ୍‌ର ସିନିୟର୍ ଗ୍ୟାସ୍ଟ୍ରୋଏଣ୍ଟେରୋଲୋଜିଷ୍ଟ୍ ମତ ପ୍ରକାଶ କରିଛନ୍ତି ଯେ, "ଆଇବିଏସ୍ ରୋଗକୁ ନିୟନ୍ତ୍ରଣ କରିବାକୁ ଜଣେ ସଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ନେବା ସହିତ ଜରୁରୀକାଳୀନ ପଦକ୍ଷେପ ନେବା ଆବଶ୍ୟକ। ସମସ୍ତେ ପୃଷ୍ଟିକର ଖାଦ୍ୟ ଖାଇବା ସହ ଶାରୀରିକ ଭାବେ ସୁସ୍ଥ ରହିବା ନିହାତି ଜରୁରୀ। ଏହାଛଡ଼ା ଉତ୍ତମ ଭାବେ ଚିକିତ୍ସାରେ ରହିବା ମଧ ଆବଶ୍ୟକ।"